## ସଂକ୍ଷେପରେ

### ମାଲେସିଆରେ ନୃତ୍ୟ କରି ସୁନାମ ଅର୍ଜିଲେ ସୁଧାଂଶୁ



ଛତ୍ରପୁର,୧୯।୧ (ଦିଲୀପ ସାମଲ): ମାଲେସିଆରେ ନୃତ୍ୟ ପ୍ରଦର୍ଶନ କରି ସୁନାମ ଅର୍ଜନ କଲେ ଛତ୍ରପୁରର ନୃତ୍ୟଗୁରୁ ତଥା ନୃତ୍ୟଶିଳ୍ପୀ ସୁଧାଂଶୁ ଶେଖର ଶତପଥି। ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟଗୁରୁ ତଥା ଗ୍ଲୋବାଲ ଆଇକନ ଗୁରୁ ଶାଶ୍ୱତ ଯୋଶୀଙ୍କ ଲାସ୍ୟକଳା ଟିମରେ ସୁଧାଂଶୁ ସାମିଲ ହୋଇ ମାଲେସିଆର ନେତାଜୀ ସୁବାସ ଚନ୍ଦ୍ର ବୋଷ ଇଣ୍ଡିଆନ କଲଚର ସେଣ୍ଟରଠାରେ କଠଉ ନୃତ୍ୟ (କାଠ ପାଦ)କରି ଦର୍ଶକଙ୍କ ମନ ମୋହିଛନ୍ତି। ସୁଧାଂଶୁ ପିଲାଟି ବେଳୁ ଓଡିଶୀ ନୃତ୍ୟ ଶିକ୍ଷା କରି ବିଭିନ୍ନ ମଞ୍ଚରେ ନିଜ ପ୍ରତିଭାକୁ ଦେଖାଇ ପାରିଛନ୍ତି। ୨୦୧୭ରେ ଗଞ୍ଜାମର ଲୋକକଳା କଠଉ, ରଣପ୍ପା, ଚଡେୟା ଚଢ଼େୟାଣୀ, ବାଘନାଚ, କୁମ୍ଭନାଚ ଆଦିକୁ ନିଜେ ପ୍ରଗତି କଳା କେନ୍ଦ୍ର ନାମରେ ଏକ ଅନୁଷ୍ଠାନ ତିଆରି କରି ଶିକ୍ଷାଦାନ ଆରମ୍ଭ କରିଥିଲେ। ଏହା ବ୍ୟତୀତ ସିଦ୍ଧାର୍ଥ ଟିଭିର ଦେବଦାସୀ ୨, ଜି ସାର୍ଥକ ଟିଭିରେ ପ୍ରସାରିତ ହେଉଥିବା ଡ୍ୟାନ୍ସ ଓଡିଶା ଡ୍ୟାନ୍ସ, ତରଙ୍ଗ ପରିବାର ଆୱାର୍ଡ ଭଳି ବିଭିନ୍ନ ରିଏଲିଟି ଶୋ'ରେ ନିଜ ପ୍ରତିଭା ପ୍ରତିପାଦନ କରିପାରିଛନ୍ତି।

### ବ୍ଲକସ୍ତରୀୟ ନିଯୁକ୍ତି ମେଳା

ଶେରଗଡ଼, ୧୯।୧(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ବିଡିଓ ଶିବାଶିଷ ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ମୋଟ ୭୧୧ ଜଣ ଯୁବକ ଯୁବତୀ ପଞ୍ଜିକରଣ କରିଛନ୍ତି। ୩୯୦ ଜଣ ଯୁବତୀ ଯୁବକ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଚାକିରି ପାଇଁ ଯୋଗ୍ୟ ବିବେଚିତ ସଂସ୍ଥା ମଧ୍ୟରେ ଜିଓ, ହୋଟଲ ସିଲକନ, ଡେଲିଭରି କର୍ମଚାରୀ, ବେସରକାରୀ ବ୍ୟାଙ୍କିଂ, ନିର୍ମାଣ ସଂସ୍ଥା, ଏଚସିଏଲ, ଅର୍ଥ ଆଦାୟ ସହାୟକ ଭଳି ପଦବୀ ରହିଛି। ତାଲିମ ଦେବା ପାଇଁ ସଂସ୍ଥା ମଧ୍ୟରେ ପ୍ରେରଣା, ଗ୍ରାମ ତଙ୍ଗ, ଏଲଏଣ୍ଡଟି, ବାଜିର ସ୍କିଲ, ଯଶୋଦା ଫାଉଣ୍ଡେଶନ ଭଳି ସଂସ୍ଥା ତାଲିମ ପାଇଁ ଚୟନ କରିଛନ୍ତି। ଆୟୋଜିତ ମେଳାରେ ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ, ପୂର୍ବତନ ସମିତିସଭ୍ୟ କାହ୍ନୁଚରଣ ପଟ୍ଟନାୟକ, ସୀମାଞ୍ଚଳ ପ୍ରଧାନ, ଶିବାଜୀ ବିଷୋୟୀ, ଜିଲା ପରିଷଦ ସଭ୍ୟ ନିବେଦିତା ପ୍ରଧାନଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ।

### ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଉତ୍ସବ

ରାଇକିଆ,୧୯।୧(ପ୍ରଦୀପ ବେହେରା): ରାଇକିଆ ବିଜୟ ଉଚ୍ଚ ବିଦ୍ୟାଳୟରେ ଭାଷା,ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ନୀଳମଣି ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଇକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ସମ୍ମାନିତ ଅତିଥି ଭାବେ ସ୍କୁଲ ସମ୍ପାଦକ ଯାଜକ ପ୍ରଦୋଷ ଚନ୍ଦ୍ର ନାୟକ, ମୋ ସ୍କୁଲ ସଭାପତି ପ୍ରଦୀପ ପ୍ରଧାନ, ପୂରାତନ ଛାତ୍ର ଆନ୍ଦ୍ରିଓ ନାୟକ, ଯାଜକ ପୁରୁଷୋତ୍ତମ ନାୟକ, ରାଜ କିଶୋର ପରିଛା, ସଦସ୍ୟ ଏସଏମସି ଯାଜକ ଜେରେମ ନାୟକଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ମଣ୍ଡଳ ପରିଚାଳନା କରିଥିବାବେଳେ ଶିକ୍ଷକ ବିନୟ କୁମାର ସଭାସନ୍ଦର, ମୋହନ ଆଚାରୀଙ୍କ ସହ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ବହୁ ସଂଖ୍ୟକ ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ।

# ପାଠପଢ଼ା ବୟସରେ ଗୋରୁ ଚରାଉଛନ୍ତି

ମୋହନା,୧୯।୧(ମନ୍ମଥ ମିଶ୍ର) ଯେଉଁ ବୟସରେ ପାଠ ପଢ଼ିବା କଥା ଏବେ ସେହି ବୟସରେ ଅର୍ଥ ଅଭାବରୁ ଅଧାରୁ ପାଠପଢ଼ା ଛାଡ଼ି କେବେ ଦିନ ମଜୁରିଆ ଭାବେ କାମ କରୁଛନ୍ତି ତ କେବେ ଗାଇ ଚରେଇ ପରିବାର ପ୍ରତିପୋଷଣ କରୁଛନ୍ତି ୧୭ ବର୍ଷର ପୁଅ ଭିକ୍ଟର୍ ମଳିକ। ପାଠ ପଢ଼ିବା ପାଇଁ ଇଚ୍ଛା ଥିଲେ ମଧ୍ୟ ଅଭାବ ଅନଟନରେ ବାଧ୍ୟ ହେଉଛନ୍ତି କୁଲି ମଜୁରୀ କରିବା ପାଇଁ। ଏହା ଦେଖିବାକୁ ମିଳିଛି ମୋହନା ବ୍ଲକ ବାଡେଗୁଡ଼ା ଗ୍ରାମରୁ। ବାଡେଗୁଡା ଗାଁର ଆଦିବାସୀ ପୁଅ ଭିକ୍ଟର ମଳିକ। ବାପା ବିଶାନ୍ତି ମଳିକଙ୍କ କିଛି ବର୍ଷ ତଳେ ଗଛରୁ ପଡ଼ି ଗୋଡ଼ ଭାଙ୍ଗି ଯାଇଥିଲା। ସେ ଆଉ କୌଣସି କାମ ନ କରି ଏବେ ଅସହାୟ ଅବସ୍ଥାରେ ଘରେ



ପଡିରହିଛନ୍ତି। ସେପଟେ ଭିକ୍ଟରଙ୍କ ୭୫ ବର୍ଷୀୟ ଜେଜେମାଙ୍କୁ ଠିକ୍‌ରେ ଆଖିକୁ ଦେଖାଯାଉନଥିବା ବେଳେ ଘରେ ରହି ଅସହାୟ ପୁଅର ସେବା କରି ଘରେ ହିଁ ରହୁଛନ୍ତି। ବାପାଙ୍କ ଗୋଡ଼ ଭାଙ୍ଗିଯିବା ପରେ ମଧ୍ୟ କଷ୍ଟରେ ଗାଈ ଚରାଇ ଦଶମ ଶ୍ରେଣୀ ଯାଏ ପାଠ ପଢ଼ି ୩୧୭ ନମ୍ବର୍ ରଖି ବି୨ ଗ୍ରେଡ୍‌ରେ ଉତ୍ତିର୍ଣ୍ଣ ହୋଇଥିଲେ ଭିକ୍ଟର। ଘରେ ଅଭାବ ଅନଟନରେ ମଧ୍ୟ ଆଗକୁ ପାଠ ପଢ଼ିବା ପାଇଁ ଇଚ୍ଛା ଥିଲା। ହେଲେ ଆଲିଗଣ୍ଡା ଜୟ ଭାରତୀ ହାଇସ୍କୁଲରେ ଉତ୍ତୀର୍ଣ୍ଣ ହୋଇଥିବା କହିଛନ୍ତି। ଗୋଟିଏ ପଟେ ଅସହାୟ ବାପା ଘରେ ପଡ଼ି ରହିଥିବା ବେଳେ ଅନ୍ୟପଟେ ଅଭାବ ଅନଟନ ଲାଗି ରହିଥିଲା। ଗାଁର କିଛି ଯୁବକଙ୍କ ସହ ଦାଦନ ଖଟିବାକୁ କେରଳ ଚାଲିଯାଇଥିଲେ। ହେଲେ ବୟସ କମ୍ ଥିବାରୁ କେରଳରେ କୌଣସି କାମ ମିଳିନଥିଲା। ଏବେ ଗାଁରେ ରହି କୁଲି ମଜୁରୀ କରିବା ସହ ଗାଈ ଗୋରୁ ଚରାଇ ପରିବାର ପ୍ରତିପୋଷଣ କରୁଛନ୍ତି ଭିକ୍ଟର। ଯେଉଁ ଘରେ ପୂର୍ବରୁ ରହୁଥିଲେ ଏବେ ସେହି ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ସେହି ଜରାଜୀର୍ଣ୍ଣ ଘରକୁ ନିର୍ମାଣ କରିବା ପାଇଁ ଅର୍ଥ ଅଭାବ ଦେଖି ଗ୍ରାମବାସୀ ଭିକ୍ଟର ମଳିକଙ୍କ ପରିବାରକୁ ଏକ ଘରେ ରହିବାକୁ ଆଶ୍ରୟ ଦେଇଛନ୍ତି। ଯଦି ସରକାର ତାଙ୍କୁ ପକ୍କା ଘର ସହ ଭିକ୍ଟର ପାଇଁ ସମସ୍ତ ପାଠ ପଢ଼ା ଖର୍ଚ୍ଚ ତୁଲାଇବେ ତା'ହେଲେ ଆଗକୁ ଯାଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ ବର୍ଷ ଶେଷ ହେବାକୁ ବସିଲାଣି ଯେତେବେଳେ ଆଡ଼ମିଶନ ଆରମ୍ଭ ହେବ ସେତେବେଳେ ସମସ୍ତ ସୁବିଧା ଭିକ୍ଟରଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ୧୦ ବର୍ଷ ପରେ ଗୃହରକ୍ଷୀ ମହାସଂଘର କାର୍ଯ୍ୟକର୍ତ୍ତା ଚୟନ



ବୈଠକରେ ଯୋଗଦେଇଥିବା ଗୃହରକ୍ଷୀ ସଂଗଠନର ସଦସ୍ୟ।

ପାରଳାଖେମୁଣ୍ଡି,୧୯।୧(ଗିରିଧାରୀ ପରିଛା): ୧୦ ବର୍ଷ ପୂର୍ବେ ଗଜପତି ଜିଲାର ଗୃହରକ୍ଷୀ ସଂଗଠନ କରାଯାଇଥିଲା। ସେହି ସମୟରେ ରାୟଗଡ ଥାନା ଅନ୍ତର୍ଗତ ହାଟପଦାଠାରେ ଏକ ବୈଠକ ହୋଇଥିଲା। ୨୦୧୩ ଜାନୁଆରୀ ୨୪ରେ ତତ୍କାଳୀନ ରାଜ୍ୟର ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘର ସଭପତି ସଞ୍ଜୟ ବେହେରା, ସମ୍ପାଦକ କମଳାକାନ୍ତ ପଣ୍ଡା ଓ ପବିତ୍ର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଜପତି ଜିଲା ଗୃହରକ୍ଷୀ ସଙ୍ଘର କର୍ମକର୍ତ୍ତାମାନଙ୍କୁ ଚୟନ କରିଥଲେ। ସେତେବେଳେ ଜିଲା ସଭାପତି ଭାବେ ରାୟଗଡ଼ ଥାନାର କାର୍ଯ୍ୟରତ ଗୃହରକ୍ଷୀ ରୋହିତ କୁମାର ବେହେରା, ସମ୍ପାଦକ ଭାବେ ରାମଗିରି ଥାନାର କାର୍ଯ୍ୟରତ ଗୃହରକ୍ଷୀ ବିଜୟ କୁମାର ବୀର ଏବଂ ଗାରାବନ୍ଧ ଥାନାର ଗୃହରକ୍ଷୀ ପ୍ରଦୀପ କୁମାର ମାଳିଙ୍କୁ କୋଷାଧ୍ୟକ୍ଷ ଚୟନ କରାଯାଇଥିଲା। ୧୦ ବର୍ଷ ପରେ ଶୁକ୍ରବାର ନୂତନ ଭାବେ ଗଜପତି ଜିଲାର ଗୃହରକ୍ଷୀ ସଙ୍ଗଠନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଗୃହରକ୍ଷୀ ସଭାପତି ଭାବେ ଗାରାବନ୍ଦ ଥାନାର ସୁଜିତ ଛିଞ୍ଚାଣି, ସମ୍ପାଦକ ଭାବେ ରାୟଗଡ଼ ଥାନାର ରୋହିତ କୁମାର ବେହେରା ଓ କୋଷାଧ୍ୟକ୍ଷ ଭାବେ ପାରଳାଖେମୁଣ୍ଡି ଥାନାର ପ୍ରଶାନ୍ତ ନାୟକଙ୍କୁ ଚୟନ କରାଯାଇଛି।

# ଏନ୍‌ଏସି ହାଇସ୍କୁଲର ବାର୍ଷିକ ଉତ୍ସବ

ହିଞ୍ଜିଳିକାଟୁ, ୧୯।୧(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ପୌରାଞ୍ଚଳ ସରକାରୀ ଏନଏସି ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଜନୀକାନ୍ତ ସାହୁଙ୍କ ସଂଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ ସତ୍ୟ ନାରାୟଣ ସାହୁ, ଏସ. କ୍ରିଷ୍ଣାୟା ଓ ପଣ୍ଡିତ ସୂର୍ଯ୍ୟ ନାରାୟଣ ପଣ୍ଡା ଓ ପ୍ରାକ୍ତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ




ପୌରାଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ, ସମ୍ମାନିତ ଅତିଥି ପୌର ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, କାଉନସିଲର ରୁକ୍ମିଣୀ ବିଷୋୟୀ, ବସନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ଶିକ୍ଷୟିତ୍ରୀ ଲିଲିମା ଦଳାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଜୟରାମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଲଳିତ କୁମାର ପରିଡା, ଗିରିଧାରୀ ପୁରୋହିତ, ତପନ ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଶିବାନୀ ପ୍ରଧାନ, ଭବାନୀ ପଣ୍ଡା ଓ କର୍ମଚାରୀ ସହଯୋଗ କରିଥିଲେ ।

### ଦୂତିପଡ଼ା ସମବାୟ ସମିତିରେ ଧାନ ମଣ୍ଡି ଖୋଲିଲା

ଖଜୁରିପଡ଼ା,୧୯।୧(ବିଦୁର ବେହେରା) ଦୂତିପଡ଼ା ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡି ଖୋଲାଯାଇଛି। ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର୍ ସେଠୀ, ଆର୍.ଏମ୍.ସି.ର ମକୁନ୍ଦ ବେହେରା ଏବଂ ଏମ୍.ଏସ୍ ଶକ୍ତି ରାଇସ ମିଲ ବାଦୁଆପଲି ବେଲ ଗୁଣ୍ଠା ଗଞ୍ଜାମର ପ୍ରାଧିକରଣ ପ୍ରତିନିଧି ଜ୍ୟୋତି ରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଚାଷୀମାନଙ୍କଠାରୁ ଧାନ କ୍ରୟ କରିଥିଲେ। ସମିତି ପରିସରରେ ମଣ୍ଡିରେ ଧାନ କ୍ରୟ କରାଯିବା ପାଇଁ ଓଜନ କାଣ୍ଟାକୁ ପୂଜା ପାଠ କରାଯାଇଥିଲା। ଚଳିତ ବର୍ଷ ୧୦ ପଞ୍ଚାୟତର ୧୩୩ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକରଣ କରିଛନ୍ତି। ପ୍ରଥମ ଦିନରେ ୭ ଜଣ ଚାଷୀଙ୍କଠାରୁ ୭୫ କୁଇଣ୍ଟାଲ ୭୯ କେଜି ଧାନ କ୍ରୟ କରାଯାଇଛି।

### ଭାଜପାରେ ମିଶିଲେ ୧୬ ପରିବାର

ପାତ୍ରପୁର,୧୯।୧(ଉମା ଚରଣ ନେପାକ) ଚିକିଟି ନିର୍ବାଚନ ମଣ୍ଡଳୀ ତୁମ୍ବା ପଞ୍ଚାୟତରେ ଭାଜପାର ନୂତନ କାର୍ଯ୍ୟାଳୟ ବଙ୍ଗଳା ସାହି ଛକଠାରେ ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନରଞ୍ଜନ ଦ୍ୟାନ ସାମନ୍ତରା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ୱାଇ ସଂଯୁକ୍ତା, ଉପାଧ୍ୟକ୍ଷ ଅନାଦି ପଣ୍ଡିତ, ଜିଲା ଉପ ସଭାପତି ୱାଇ ମୋହନ ରାଓ, ମିନା ଦ୍ୟାନ ସାମନ୍ତରା, ଧନୁ ଶବର, ରାଜେନ୍ଦ୍ର ଶବର, ସନ୍ତୋଷ କୁମାର ପାତ୍ର, ଆନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ମନୋରଞ୍ଜନ ଦ୍ୟନ ସାମନ୍ତରାଙ୍କ ମାଧ୍ୟମରେ ତୁମ୍ବା ପଞ୍ଚାୟତର ୧୨ ପରିବାର ଓ ସାମନ୍ତରାପୁର ଅଁଳାବାଡ଼ ଗ୍ରାମର ୪ ପରିବାର ଅନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଥିଲେ।

# ପଥର ଖାଦାନ ବନ୍ଦ ଦାବି

ଛତ୍ରପୁର,୧୯।୧ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ତହସିଲ ଅନ୍ତର୍ଗତ ଏ. ରଘୁନାଥପୁର ମୌଜାରେ ଚାଲିଥିବା ପଥର ଖାଦାନକୁ ତୁରନ୍ତ ବନ୍ଦ କରିବା ଦାବି ନେଇ ଶୁକ୍ରବାର ଏ.ରଘୁନାଥପୁର ଗ୍ରାମର ବହୁ ବାସିନ୍ଦା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପଥର ଖାଦାନ ଯୋଗୁଁ ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଥର ଖାଦାନରେ ବିସ୍ଫୋରଣ ଯୋଗୁଁ ଗୃହ ପାଳିତ ପଶୁ ଭୟଭୀତ ହେଉଛନ୍ତି। ଏହା ସହିତ ପରିବେଶ ଦୂଷିତ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। ଖାଦାନ ନିକଟରେ ଥିବା ଚାଷ ଜମି ଓ କୁକୁଡାଖଣ୍ଡିକୁ ରାସ୍ତା ବିପଦ ସଂକୁଳ ପାଲଟିଛି। ଏଣୁ ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପଥର ଖାଦାନକୁ ତୁରନ୍ତ ବନ୍ଦ କରିବା ନିମନ୍ତେ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲା ଭାଜପା କୃଷକ ମୋର୍ଚ୍ଚାର ସଭାପତି ମହନ୍ତ ଚିନ୍ମୟ ନନ୍ଦ, ଯୁବ ନେତା ସିଦ୍ଧାର୍ଥ ଗଙ୍ଗଦେବ, ଜିଲା ଭାଜପା ସମ୍ପାଦକ ରାମ କୁମାର ସାମଲ, ପଞ୍ଚୁ ଗୌଡ଼, ନିରଞ୍ଜନ ଡାକୁଆ, ଅଞ୍ଚଳ ଗୌଡ଼ଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ନେଇ ସମୀକ୍ଷା

ଆର.ଉଦୟଗିରି,୧୯।୧ (ମନୋଜ କୁମାର ପାଢୀ) ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସନ୍ତା ୨୩ ତାରିଖରେ ଆର.ଉଦୟଗିରି ବ୍ଲକ ରାମଗିରି ଗସ୍ତରେ ଆସିବେ। ରାମଗିରି ଠାରେ ଆୟୋଜିତ ସାଧାରଣ ସଭାରେ ସେ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ସଚେତନ କରାଇବେ। ଏଥିସହ ୫-ଟି କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବା କାର୍ଯ୍ୟକ୍ରମ ରହିଛି। ପରେ ପାଣ୍ଡିଆନଙ୍କ କାଶୀନଗର ବ୍ଲକ ଗସ୍ତ କାର୍ଯ୍ୟକ୍ରମ ରହିଛି। ୫-ଟି ଅଧ୍ୟକ୍ଷଙ୍କ ଗସ୍ତକୁ ସଫଳ କରିବା ପାଇଁ ଗୁରୁବାର ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏକ ସମୀକ୍ଷା ବୈଠକ କରିଥିଲେ । ବୈଠକରେ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଜିଲା ପର୍ଯ୍ୟବେକ୍ଷକ ପୃଥ୍ୱୀରାଜ ସାହୁ, ଏସଡିସି ଚେୟାରମ୍ୟାନ ମାରିୟମ ରଇତ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ରାଜେନ୍ଦ୍ର ପ୍ରସାଦ ରଣସିଂହ ନାୟକ, ରାୟଗଡା ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସି ନାୟକ, ପ୍ରେମ ରଇତ, ଜହନ ମାଝୀ, ରିଙ୍କୁ ପାଣି, ସରଜ ବଡରଇତ, ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ଓ ଦେବରାଜ ସୁବୁଦ୍ଧିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆଗଡ ଯୁବ କଂଗ୍ରେସ ସଭାପତି ଜିରିମିୟ ରଇତ ବିଜେଡିରେ ସାମିଲ ହୋଇଥିଲେ। ଜିଲା ଏବଂ ଆର.ଉଦୟଗିରି ବ୍ଲକ ଛାତ୍ର ସଭାପତି ଦୀପକ ପାଣି ବୈଠକ ପରିଚାଳନା କରିଥିଲେ।

# ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଭଞ୍ଜନଗର,୧୯।୧(ବାବୁଲା ପ୍ରଧାନ): ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଶୁକ୍ରବାର ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ମନ୍ତ୍ରୀ ପ୍ରଥମେ ବିରିକୋଟ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ନୂତନ କୋଠାକୁ ଉଦଘାଟନ କରିଥିଲେ। ପରେ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ, ମାର୍କେଟ ବିଲଡିଂ ଉଦଘାଟନ କରିଥିଲେ। ଏଥିସହ ବନ ବିଭାଗ କ୍ୱାର୍ଟର, ଅଙ୍ଗନବାଡି କେନ୍ଦ୍ର ଉଦଘାଟନ କରିଥିଲେ। ବାଇବାଲିଠାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଆରୁଖ ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକଙ୍କ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ବିଡିଓ ଶଶୀଭୂଷଣ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଏମପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୂଳପାଣି ସତପଥୀ ସଭା ସଂଯୋଜନା କରିଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଦାରିଙ୍ଗବାଡି,୧୯।୧(ଅରୁଣ ସାହୁ ) ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ବ୍ଲକ ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଏହା ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ବିଦେଶୀ ନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସାମାଜିକକର୍ମୀ ଅରୁଣ ସାହୁ ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଏହି ପରିପ୍ରେକ୍ଷୀରେ ୪ ଟି କ୍ଲବ ତଥା ସାହିତ୍ୟ ସୃଜନ କ୍ଲବ ସମେତ ଜିଜ୍ଞାସା କ୍ଲବ, କୌଶଳି କ୍ଲବ ଏବଂ କ୍ରୀଡାଙ୍ଗନ କ୍ଲବ କରାଯାଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ୧୨ ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ତଥା ସ୍ମିତାରାଣୀ ମହାପାତ୍ର, ସନିତା ପ୍ରଧାନ, ଅଞ୍ଜଳି ପ୍ରଧାନ, ଦୀପ୍ତି ନାୟକ, ସୋମ୍ୟରଞ୍ଜନ ସାହୁ, ଶଙ୍କର ହରିପ୍ରସାଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ସାମନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ହରଭଙ୍ଗୀ ଜଳସେଚନ ପାଣି ପଞ୍ଚାୟତ ପକ୍ଷ ପାଳିତ

ସୋରଡା,୧୯।୧(ଲମ୍ବୋଦର ପାଣିଗ୍ରାହୀ): ବଡ଼ଗଡ଼ ହରଭଙ୍ଗୀ ଜଳସେଚନ ଅଫିସ ପରିସରରେ ଶୁକ୍ରବାର ପାଣି ପଞ୍ଚାୟତ ପକ୍ଷ ପାଳନ ସହ ଗଞ୍ଜାମ ଜିଲାର ସଚେତନ ରଥକୁ ସାଗତ କରାଯାଇଛି। ଇଞ୍ଜିନିଅର ଆଲୋକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଅତିରିକ୍ତ ମୁଖ୍ୟ ଇଞ୍ଜିନିୟର ବଂଶଧାରା ନାଗବଳି ବେସିନ-ଏର ନାଗେନ୍ଦ୍ର ନାଥ ମହାରାଣା, ଅଧୀକ୍ଷଣ ଇଞ୍ଜିନିୟର ହରଭଙ୍ଗୀ ଜଳସେଚନ ବିଭାଗ ଅଡବା-ଏର ରାଜୀବ କୁମାର ପଣ୍ଡିତ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ହରଭଙ୍ଗୀ ଜଳସେଚନ ସବ ଡିଭିଜନ-୨ ବଡଗଡର ଆଲୋକ ପ୍ରଧାନ, ଆସିଷ୍ଟାଣ୍ଟ ଇଞ୍ଜିନିୟର ବାବୁ ମଲାଇକା, ବିଭୂତି ଭୂଷଣ ପଟ୍ଟନାୟକ, ସମ୍ପାଦକ ବାଇଧର ସ୍ୱାଇଁ ରଥକୁ ସ୍ୱାଗତ କରିଥିଲେ।

# ନୂଆ-ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ



ଗଞ୍ଜାମ,୧୯।୧(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶହୀଦ ଭଗତସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରକାର ନୂଆ-ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ବିଭାଗୀୟ ଅଧ୍ୟାପିକା ଅଧ୍ୟାପକ ଓଡ଼ିଆ ଭାଷାରେ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ବର୍ଣ୍ଣନା କରିଥିଲେ। ବିଭାଗିୟ ମୁଖ୍ୟ ନୋଡାଲ ଅଫିସର ତଥା ସଂଯୋଜକ ଡ଼. ଗୌରୀ ଶଙ୍କର ଶତପଥୀ ଓଡ଼ିଆ ସାହିତ୍ୟରେ ଜଗନ୍ନାଥ, ଓଡ଼ିଆ ଭାଷାରେ ଜଗନ୍ନାଥଙ୍କ ଉପରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶହୀଦ ଭଗତ ସିଂ ଉଚ୍ଚ ମାଧାମିକ ବିଦ୍ୟାଳୟର କର୍ମଚାରୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

# ଛତ୍ରପୁର ପଞ୍ଚାୟତ ସମିତି ବୈଠକ

ଛତ୍ରପୁର,୧୯।୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ ଶୁକ୍ରବାର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇ ବ୍ଲକର ସମସ୍ତ ଉନ୍ନୟନ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ। ଆସନ୍ତା ୨୯ ତାରିଖରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏହି ଶିବିରକୁ ଦିବ୍ୟାଙ୍ଗମାନେ ଯୋଗଦେଇ ପ୍ରମାଣ ପତ୍ର ସହ ଅନ୍ୟାନ୍ୟ ସୁବିଧା ପାଇବେ। ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଣଦେଖା କରିଥିବା ସରପଞ୍ଚ ଓ ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ। ପାଣି ଟାଙ୍କି ନିର୍ମାଣ ନକରି ପାଇପ ଲାଇନ ବିଛାଇବାକୁ କିଏ ଅନୁମତି ଦେଇଥିଲେ ବୋଲି ଜନପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲାପାଳଙ୍କୁ ଏନେଇ ଭେଟିବା ପାଇଁ ଆଲୋଚନା ହୋଇଛି। ସ୍ୱାସ୍ଥ୍ୟ, ଶିକ୍ଷା, ଖାଉଟି କାର୍ଡ, ମନରେଗା ଯୋଜନାର ଆଲୋଚନା କରିଥିଲେ। ଏହି ବୈଠକର ବିଡ଼ିଓ ସୁଶାନ୍ତ କୁମାର ବରାଳ, ଏବିଡିଓ ଜୟଶ୍ରୀ ନାୟକ, ଅତିରିକ୍ତ ତହସିଲଦାର, ଜିପିଓ ଅଶୋକ ଦାସ ଓ ବ୍ଲକ ଉପାଧ୍ୟକ୍ଷା ଏସ ଶାରଦା ରେଡ୍ଡୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଦ୍ୱିତୀୟ ସନ୍ଧ୍ୟାରେ 'ସଠିକ୍ ବିଚାର' ମଞ୍ଚସ୍ଥ

## ଦଶମ ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବ

ପାରଳାଖେମୁଣ୍ଡି,୧୯।୧ (ଗିରିଧାରୀ ପରିଛା): ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସହରସ୍ଥିତ ଅର୍ବାନ ବ୍ୟାଙ୍କ ପଡିଆଠାରେ ଅଗ୍ରଣୀ ସାଂସ୍କୃତିକ ପ୍ରତିଷ୍ଠାନ 'କ୍ରିଏଟିଭ ଆର୍ଟସ' ଆୟୋଜିତ ଦଶମ ରାଜ୍ୟସ୍ତରୀୟ ପାରଳା ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସଂସ୍ଥା ସଭାପତି ନୃସିଂହ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଏବଂ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଡଃ. ଗୁଣନିଧି ନାୟକ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ନାୟକ, ନାଟ୍ୟକାର



ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପନ ଦାବି କରାଯାଇଥିଲା। ସମ୍ପାଦକ ମନୋଜ କୁମାର ପାଢୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟକ ମହୋତ୍ସବ ଦ୍ୱିତୀୟ ଦିନରେ ପ୍ରଦର୍ଶିତ ହୋଇଥିଲା 'ସଠିକ ବିଚାର'। ନରସିଂହ ନାଟ୍ୟ ସଂସଦ, ସୁରଳ (ଗଞ୍ଜାମ) ପ୍ରଯୋଜିତ ତଥା ସୀମାନ୍ତ ନଟରାଜ ଡା. ତିରୁପତି ସାହୁ ନିର୍ଦ୍ଦେଶିତ ଏହି ବିୟୋଗାନ୍ତକ ନାଟକରେ ଡା. ତିରୁପତି ସାହୁ, ଯୁଧିଷ୍ଠିର ଭଞ୍ଜ ସାମନ୍ତ, ସୁବାସ ଚନ୍ଦ୍ର ସାହୁ ରୋଶନ, ଦେବେନ୍ଦ୍ର ପ୍ରସାଦ ଶର୍ମା, ପ୍ରଦୀପ କୁମାର ସାହୁ, ନଳିନୀକାନ୍ତ ଗୌଡ, ଗଙ୍ଗାଧର ପାଣିଗ୍ରାହୀ, ଚାନ୍ଦମାମା, ରଜନୀ ପ୍ରମୁଖ ସଫଳ ଅଭିନୟ କରିଥିଲେ। ସ୍ୱରବିବୁଧ ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ପି. ଶଙ୍କର ସଙ୍ଗୀତର ଝଙ୍କାରରେ ନାଟକଟି ଜୀବନ୍ତ ହୋଇପାରିଥିଲା। ଶେଷରେ ଆଦର୍ଶ ଦାଶ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ, ୧୯।୧(ରାକେଶ କୁମାର ରାଉତ)

ଫୁଲବାଣୀ ଅବକାରୀ ବିଭାଗ ସାଧନ ଛକ ପାଖରେ ଚଢ଼ାଉ କରି ଏକ କାର ସହ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାର ଚାଳକ ଫିରିଙ୍ଗିଆ ଥାନା କାଶିନୀପଦର ପଞ୍ଚାୟତ ମାଝୀପଡା ଗାଁର ଅନ୍ତର୍ଯ୍ୟାମୀ ଦିଗାଲ ଓ ଫୁଲବାଣୀ ସଦରଥାନା ବିଶିପଡା ପଞ୍ଚାୟତ କୁମୁରୀଗୁଡ଼ା ଗାଁର ବବୁଲୁ ଦିଗାଲ। ଅବକାରୀ ଇନ୍ସପେକ୍ଟର ଶ୍ରୀଧର ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିବା ସମୟରେ ଫୁଲବାଣୀଠାରୁ ଭୁବନେଶ୍ୱର ଯାଇଥିବା ମୁଖ୍ୟ ରାସ୍ତାର ସାଧନା ଛକନିକଟରେ କାରକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହି ଘଟଣାରେ ନଂ.୯୭/୨୪ରେ ଏକ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ସୁରେଶ ମୁଦୁଲି, ଭୃଗୁପତି ଡିଗାଲ, ସଦାଶିବ ରଣା, ଜଗମୋହନ ବେହେରା ପ୍ରମୁଖ ସାମିଲ ଥିଲେ।

## ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ

ଜି.ଉଦୟଗିରି, ୧୯।୧(ଶିଶିର ପଟ୍ଟନାୟକ)

ସ୍ଥାନୀୟ ହବାକ ହାଇସ୍କୁଲଠାରେ ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଏବିଇଓ ଛୋଟାଇ ମୋତିଲାଲ ରାୟ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଏନ ରାଜା ରାଓ, ଅଭିଭାବିକା ମିନାକ୍ଷି ପ୍ରଧାନ, ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ଦିଗାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଯୁବତୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଛେଚା ଖାଇଲେ ଯୁବକ

ଗଞ୍ଜାମ, ୧୯।୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବଟେଶ୍ୱର ବେଳାଭୂମିରେ ଦୁର୍ବୃତ୍ତମାନେ ବୁଲିବାକୁ ଆସିଥିବା ଯୁବତୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଜୈନେକ ଯୁବତୀ ନିଜ ସାନ ଭାଇଙ୍କ ସହ ବେଳାଭୂମିକୁ ବୁଲିବା ପାଇଁ ଯାଇଥିବା ବେଳେ ପରିଶ୍ରା କରିବା ପାଇଁ ନିକଟସ୍ଥ ଝାଉଁ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ଦୁଇଜଣ ଦୁର୍ବୃତ୍ତମାନେ ପିଛା କରି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ଯୁବତୀ ଜଣଙ୍କ ଦୌଡ଼ି ବେଳାଭୂମିକୁ ଚାଲି ଆସିଥିଲେ। ଯୁବତୀଙ୍କ ଭାଇ ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ଧମକ ଦେଇଥିଲେ। ଏନେଇ ସଙ୍ଗେ ସଙ୍ଗେ ଯୁବତୀ ଜଣଙ୍କ ଫୋନ ଦ୍ୱାରା ନିଜ ବନ୍ଧୁ ମାନଙ୍କୁ ଜଣାଇଥିଲେ। ଖବର ପାଇ ସାଙ୍ଗମାନେ ପହଞ୍ଚି ସେମାନଙ୍କୁ ଉତ୍ତମ ମଧ୍ୟମ କରିଥିଲେ। ପର୍ଯ୍ୟଟକମାନଙ୍କୁ ଦୁର୍ବୃତ୍ତଙ୍କ ଦାଉରୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଷ୍ଟୁଆର୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ମୋହନା, ୧୯।୧(ମନ୍ମଥ ମିଶ୍ର)

ମୋହନା ସଦର ମହକୁମା ଲାଦ୍ରମା ସ୍ଥିତ ଷ୍ଟୁଆର୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଜତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ରିଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଡାଓଦିସ୍ ପରିଚାଳନା କମିଟି ସମ୍ପାଦକ ତଥା ଷ୍ଟୁଆର୍ଟ ସ୍କୁଲର ସମ୍ପାଦକ ଅଭୟ କୁମାର ହୋତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଟକ ଡାଓସିସର ଉପ ସଭାପତି ଆମିଏଲ୍ ମଣ୍ଡଳ, ହେଲ୍ପ ଏ ଚାଇଲ୍ଡ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ଗଜପତି ଲିମା ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଉପସ୍ଥିତ ଅତିଥି ବୃନ୍ଦ ମାନପତ୍ର ସହ ପୁରସ୍କୃତ ପ୍ରଦାନ କରିଥିଲେ। ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଆଶିଷ ମହାନ୍ତି, ଶିକ୍ଷୟିତ୍ରୀ ମଧୁସ୍ମିତା ଗମାଙ୍ଗ ଓ ମେରସି ଜତି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ନିଜ ଜମି ଅକ୍ତିଆର ପାଇଁ ଅନଶନରେ ବସିଲେ ପରିବାର

ଦାରିଙ୍ଗବାଡ଼ି, ୧୯।୧(ଅରୁଣ ସାହୁ)



ନିଜ ଜମି ପାଇବା ଦାବିରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ନୀଳମାଧବ ନାୟକଙ୍କ ପରିବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ନୀଳମାଧବ ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବାଲିଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସେମାନଙ୍କ ଗୋଟିଏ ଦାବି ତାଙ୍କ ଜମି ତାଙ୍କୁ ଫେରେଇଦିଆଯାଉ, ଦାବି ପୂରଣ ନ କଲେ ଆମେ ପରିବାର ଜୀବନ ହାରିବୁ ବୋଲି ଧରିଥିବା ପ୍ଲାକାର୍ଡରେ ଲେଖା ରହିଛି।
ସୂଚନାଯୋଗ୍ୟ, ୧୯୯୭ରେ ବିଜୟ ନାୟକ ଏବଂ ତାଙ୍କ ସ୍ତ୍ରୀ ହାଲିମା ନାୟକଙ୍କୁ ସରକାର ଜମି ପଟ୍ଟା ଦେଇଛନ୍ତି। ଉକ୍ତ ଜମି ଉପରେ ଅନ୍ୟ ଏକ ପରିବାର ଇନ୍ଦିରା ଆବାସ ଯୋଜନାରେ ଘର କରି ରହି ଆସୁଛନ୍ତି। ଏ ନେଇ ନୀଳମାଧବ ପୂର୍ବରୁ ଅଭିଯୋଗ କରିଆସୁଥିଲେ ହେଲେ ତାଙ୍କୁ ନ୍ୟାୟ ନ ମିଳିବାରୁ ସେ ନିରାଶ ହୋଇଥିବା କରିଛନ୍ତି। ଖବର ପାଇ ତହସିଲଦାର ଶରତ ଶବର, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଏବଂ ସୁବ୍ରତ ପ୍ରଧାନ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ ହେଲେ ଖବର ଲେଖିବା ପର୍ଯ୍ୟନ୍ତ ଧାରଣାରୁ ରୁ ସେମାନେ ହଟିନଥିଲେ। ସେମାନେ ତାଙ୍କ ଜମି ଫେରି ନପାଇବା ପର୍ଯ୍ୟନ୍ତ ଏଭଳି ଧାରଣା ଚାଲିଥିବ ବୋଲି କହିଛନ୍ତି। ଏ ନେଇ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଜମିରେ ଅନ୍ୟ ଜଣେ ଘର କରି ବସବାସ କରୁଛନ୍ତି ଉକ୍ତ ଜମିକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ଅଛି କୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ଜଣା ପଡ଼ିବ ବୋଲି କହିଛନ୍ତି।

# ଶୋକାକୁଳ ପରିବେଶରେ ଶବ ସତ୍କାର



ସୋରଡା, ୧୯।୧(ଲମ୍ବୋଦର ପାଣିଗ୍ରାହୀ):

ସୋରଡା ଅଶୁରବନ୍ଧ ରାସ୍ତା ଜାତୀୟ ରାଜପଥ ୫୯ ବରାଡି ସାହି ନିକଟରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୫ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି । ସମସ୍ତ ମୃତକଙ୍କୁ ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକମାନେ ହେଲେ ଦୁଲାଡ ଗ୍ରାମର ଶ୍ରୀକାନ୍ତ ଗଉଡ, ମନୁ ଡାକୁଆ, ସୋରଡାର ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ରଜନୀ ଗଉଡ, ମହେନ୍ଦ୍ର ନାୟକ, ଓ ଜୟନ୍ତ ବାଡ଼ତ୍ୟା। ଗୁରୁତର ଆହତ ହେଲେ ଦୁଲାଡ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗଉଡ। ଶୋକାକୂଳ ପରିବେଶରେ ନିଜ ନିଜ ଗ୍ରାମରେ ସମସ୍ତଙ୍କୁ ସତ୍କାର କରାଯାଇଛି।

# ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ

ଛତ୍ରପୁର, ୧୯।୧(ସନ୍ତୋଷ ପାଢ଼ୀ):

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତି ଓ ନିର୍ଦ୍ଦେଶ ପ୍ରକାରେ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭାଷା ସାହିତ୍ୟର ସୃଜନଶୀଳତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟସ୍ତରୀୟ ଉତ୍ସବ ଆୟୋଜନ ହେଉଛି। ଏହି ପରିପ୍ରେକ୍ଷୀରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଭିକାରୀପଲ୍ଲୀ ଶ୍ରୀହରିହରେଶ୍ୱର ଉଚ୍ଚ ବିଦ୍ୟାଳୟର ଏକ ଉତ୍ସବ ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବ ଉଦଘାଟନ କରିଥିଲେ। ପୁସ୍ତକ ପଠନ ଦ୍ୱାରା ଜ୍ଞାନ, ଏକାଗ୍ରତା, ମସ୍ତିଷ୍କର କ୍ରିୟାଶୀଳତା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଚାପ ଶୂନ୍ୟତା, ସ୍ମୃତି ଶକ୍ତି ଉନ୍ନତ ହୋଇଥାଏ ବୋଲି ମତ ଦେଇଥିଲେ।



ଉପସ୍ଥିତ ଛାତ୍ରୀଛାତ୍ର

ପ୍ରଧାନ ଶିକ୍ଷକ କୋରେଶ ଚନ୍ଦ୍ର ଶତପଥିଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ତାରିଣୀ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନେ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ତାରିଣୀ ପ୍ରସାଦ ଦାଶ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟ କୁମାର ମହାପାତ୍ର, ଦଣ୍ଡପାଣି ଶତପଥି, ଜି.ସୁଜାତା ରାଣୀ, କାଳୁ ନାହାକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଥରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ଚୋରି

ଖଲ୍ଲିକୋଟ, ୧୯।୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ପଥରା ମେଡ଼ିକାଲରୁ ଗ୍ରୀଲ କାଟି ଚୋରି ହୋଇଥିବା ଅଭିଯୋଗ ହୋଇଛି। ସବୁଦିନ ପରି ଗୁରୁବାର ମେଡ଼ିକାଲ ଗ୍ରିଲରେ ତାଲା ପକାଇ ଯାଇଥିଲେ କର୍ମଚାରୀ। ଶୁକ୍ରବାର ସକାଳୁ କେହି ଦୁର୍ବୃତ୍ତ ଗ୍ରୀଲ କାଟି ଦେଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ଦେଖିବା ବେଳକୁ ଔଷଧ ଗୁଡିକ ଏଣେତେଣେ ବିଛାଡି ହୋଇ ପଡ଼ିଥିଲା ଏବଂ କମ୍ପ୍ୟୁଟର ସିଷ୍ଟମ, ଇନଭଟର ଓ କେତେକ ମେଡ଼ିକାଲ ସାମଗ୍ରୀ ଗାଏବ ଥିଲା। ଏ ସମ୍ପର୍କରେ ପଥରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ଶୁଭଶ୍ରୀ ପ୍ରିୟଦର୍ଶିନୀ ଭେଜିପୁଟ ଫାଣ୍ଡିରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ମେଡ଼ିକାଲରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଖଲ୍ଲିକୋଟ ଅଞ୍ଚଳରେ ସିରିଏଲ ଚୋରି ଯୋଗୁ ଘର ତାଲା ପକାଇ ବାହାରକୁ ଯିବାକୁ ସାଧାରଣରେ ଭୟ ସୃଷ୍ଟି ହୋଇଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

## ଜଗନ୍ନାଥ ମନ୍ଦିରର ରତ୍ନମୁଦ

ଫିରିଙ୍ଗିଆ, ୧୯।୧(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ବନ୍ଧ ଗଡ଼ଠାରେ ନିର୍ମାଣ ହେଉଥିବା ଜଗନ୍ନାଥ ମନ୍ଦିରର ରତ୍ନ ମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାହୁ, ଉପସଭାପତି ଦଶରଥ ଦେହୁରୀ, ସମ୍ପାଦକ ପଙ୍କଜ ବିନ୍ଧାଣି, କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରେ ସହିତ ହୋଇଛି। ଏଥିରେ ଅଷ୍ଟପ୍ରହରୀ ନାମଯଜ୍ଞ , ଅନ୍ନ ଯଜ୍ଞ ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ହୋଇଥିଲା। ପୁଜକ ଭାବେ ରାଜେଶ କୁମାର ତ୍ରିପାଠୀ ଓ ଅନ୍ୟ ପୁଜକ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବୌଦ୍ଧ ଉପଜିଲାପାଳ ରବୀନ୍ଦ୍ର ନାଥ କହଁର ଉପସ୍ଥିତ ରହି ରତ୍ନ ମୁଦରେ ପଞ୍ଚ ଶଶ୍ୟ ପକାଇ ଥିଲେ। ସଦସ୍ୟ ପ୍ରକାଶ ରଣା, ପ୍ରଶାନ୍ତ ବେହେରା, ସୁକାନ୍ତ ଅଧିକାରୀ, କାଳିଆ ସାଣ୍ଟ, ବଳରାମ ଭୁକ୍ତାଙ୍କ ସମେତ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିବା କମିଟିର ସଭାପତି ପ୍ରଦୀପ କୁମାର ସାହୁ କହିଛନ୍ତି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

ବାଲିଗୁଡା, ୧୯।୧(ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସ୍ମିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ମାଝୀ, ମୁଖ୍ୟବକ୍ତା ଭାବେ ଆଦିବାସୀ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଅଧ୍ୟାପକ ସରୋଜ କୁମାର ପାଠୀ, ସମ୍ମାନିତ ଅତିଥି ଭାବେ ଡ଼.ନିବେଦିତା ପଣ୍ଡା, ସ୍ଥାନୀୟ ବୌଦ୍ଧ ଆଞ୍ଚଳିକ ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅନୁପମ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଧାନ କୁମାର ଜେନା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତାପସ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ର ନିକଟରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ବିଦାୟ କାଳୀନ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବେଲଗୁଣ୍ଠା, ୧୯।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ମାମା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ବିଶିଷ୍ଟ ଗବେଷକ ମନୁନନ୍ଦ ପତି, ମୁଖ୍ୟବକ୍ତା ରୂପେ ଗବେଷକ ନେତାଜୀ ବିଷୋୟୀ, ସମ୍ମାନୀତ ଅତିଥି ରୂପେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ନଳିନୀପ୍ରଭା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସନ୍ତୋଷ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଘୁମୁସରର ଐତିହ୍ୟ, ସାହିତ୍ୟ ଏବଂ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ସେହିପରି କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠାନ ଅଧକ୍ଷ ସୁବାଷ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅମୂଲ୍ୟ କୁମାର ପଣ୍ଡା ସନାତନ ଧର୍ମ ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ରଞ୍ଜିତ୍ କୁମାର ଦାସ ଓଡ଼ିଆ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅଧ୍ୟାପକ ଡଃ ଗିରିଧାରୀ ନାୟକ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପିକା ଅନିତା ତ୍ରିପାଠି, ଅଧ୍ୟାପକ ପୀତବାସ ସ୍ୱାଇଁ, ବିପ୍ର ଚରଣ ତ୍ରିପାଠି, ଭୂଷଣ ଗୌଡ଼ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ସଞ୍ଜିତ କୁମାର ଦାଶ ଧନ୍ଯବାଦ ଅର୍ପଣ କରିଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ବୁଗୁଡ଼ା, ୧୯।୧(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ବାଲିପଦରସ୍ଥିତ ଡିଗ୍ରୀ କଲେଜ ପକ୍ଷରୁ ନୂଆ-ଓ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିବେକାନନ୍ଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା ପରିଷଦର ସଭାପତି ହରିହର ବିଷୋୟୀ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ମିଶ୍ର ଯୋଗ ଦେଇ ଓଡ଼ିଆ ଭାଷା ଓ ସାହିତ୍ୟରେ ଜଗନ୍ନାଥ ସଂସ୍କୃତିର ମହନୀୟତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ପାଠଚକ୍ର 'ଓଡ଼ିଆ ଭାଷା, କଳା, ସଂସ୍କୃତି ଓ ଇତିହାସ' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଗୋପୀନାଥ ମହାନ୍ତି ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ଅମୀୟ କୁମାର ସ୍ୱାଇଁ, ଏ.ଜିତେଶ ରାଓ ଦୋରା, କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଗୌଡ, ଅଧ୍ୟାପିକା ମିନତୀ ଆଚାରୀ, ଭକ୍ତଲତା ମହାପାତ୍ର ଓ ସଲିଲା ନାୟକଙ୍କ ସମେତ କଲେଜର ଅନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରେମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋଚନାଚକ୍ର



ଚିକିଟି, ୧୯।୧(ପ୍ରକାଶ ଚନ୍ଦ୍ର ସାହୁ)

କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ନୂଆ- ଓ ଯୁବ ଓଡ଼ିଶା ନବୀନ ଓଡିଶା ଯୋଜନା ଆନୁକୁଲ୍ୟରେ ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ବାଲାଜୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଡା. କୈଳାଶ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଡା. ସୁରେନ୍ଦ୍ରନାଥ ପାଣିଗ୍ରାହୀ ଯୋଗଦେଇ ମାଟି ଓ ମଣିଷପ୍ରତି ଲୋକଙ୍କ ଭଲପାଇବା ଯେତିକି ବୃଦ୍ଧି ପାଏ ସାମାଜିକ ପରିବର୍ତ୍ତନରେ ସାହିତ୍ୟର ଭୂମିକା ସେତିକି ଥାଏ ବୋଲି ମତବ୍ୟକ୍ତ କରିଥିଲେ। ଯୁକ୍ତ ୩ ଶେଷବର୍ଷର ଛାତ୍ରୀ ଅର୍ପିତା କୁମାରୀ ମିଶ୍ର 'ଓଡ଼ିଆ ଭାଷା ଏକ ସମୃଦ୍ଧ ଭାଷା' ଶୀର୍ଷକ ପ୍ରବନ୍ଧଟିକୁ ପାଠ କରିଥିବା ବେଳେ ଯୁକ୍ତ୩ ଦ୍ୱତୀୟ ବର୍ଷ ଛାତ୍ରୀ ଶୁଭଦର୍ଶନୀ ପ୍ରଧାନ 'ଶାସ୍ତ୍ରୀୟ ଓଡ଼ିଆ ଭାଷା' ପ୍ରବନ୍ଧ ପ୍ରସ୍ତୁତ କରି ପାଠ କରିଥିଲେ। ଯୁକ୍ତ୨ ଛାତ୍ରୀ ଅର୍ଚ୍ଚିତା ଡାକୁଆ 'ଓଡ଼ିଆ ସାହିତ୍ୟରେ ମଧୁସୂଦନ ରାଓ' ଶୀର୍ଷକ ପ୍ରବନ୍ଧ ପାଠ କରି ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨ ନୋଡାଲ ଅଧିକାରୀ ତ୍ରିପତି ଗମାଙ୍ଗ ଓ ଡାନିଏଲ ମାରାଣ୍ଡି ଆୟୋଜିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀ ଏକାମ୍ବର ସାହୁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଭଞ୍ଜନଗର, ୧୯।୧(ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଗୁରୁବାର ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗାମାଧବ ନନ୍ଦ ମୁଖ୍ୟଯ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅଧ୍ୟକ୍ଷା ଆରତି ବାଳା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଭାସ ଦାସ, ଅଧ୍ୟାପକ ହରପ୍ରସାଦ ସତପଥୀ, ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ରୋଜାଲିନ ମହାରଣା ସଭା ସଂଯୋଜନା କରିଥିଲେ। ଅଧ୍ୟାପକ ଦିଗନ୍ତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା କଳ୍ପନା ଷଣ୍ଢ, ଛାତ୍ରୀ ଶ୍ୱେତପଦ୍ମା ସାହୁ, ଛାତ୍ର ଲଳିତ ମୋହନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜନ କଲ୍ୟାଣକାରୀ ଯୋଜନା ସଚେତନତା



ଧରାକୋଟ, ୧୯।୧(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ ଏହି କାର୍ଯ୍ୟକ୍ରମରେ ଧରାକୋଟ ବିଡ଼ିଓ ଡେନିସ ବେହେରା ଅଧକ୍ଷତା କରିଥିବା ବେଳେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ଟୁକୁନା ଗଉଡ, ସ୍ଥାନୀୟ ସରପଞ୍ଚ ପୁନିଆ ଦାସ ପ୍ରମୁଖ ମଞ୍ଚାସୀନ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ମିଶନ ଶକ୍ତି, ଦକ୍ଷତା ବୃଦ୍ଧି, କୃଷି, ମହିଳା ଓ ଶିଶୁ ବିକାଶ, ପଶୁପାଳନ, ସାମାଜିକ ସୁରକ୍ଷା, ପାନୀୟ ଜଳ ଯୋଗାଣ,ଆବସ ଯୋଜନା, ସ୍ୱାସ୍ଥ୍ୟ ପରିବାର କଲ୍ୟାଣୀ ସରକାରୀ ଯୋଜନା ,ମାଛ ଚାଷ,କଳା ଓ ସଂସ୍କୃତିର ବିକାଶ ଆଦିରେ ଜନସାଧାରଣ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଷ୍ଟଲ୍ ଖୋଲା ଯାଇଥିଲା। ତହସିଲଦାରଙ୍କ ଦ୍ୱାରା ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଏସ୍‌ଏଚଜି ସଭ୍ୟା ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଦିଲୀପ୍ କୁମାର ସ୍ୱାଇଁ, ଯୋଗାଣ ସହାୟକ ଗୋପାଳ ହରି ଗଉଡ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ସେଠି, ଜିଆର୍‌ଏସ୍ ମୁନା ଜେନା, ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର ଅମେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସରଧାପୁର ପଞ୍ଚାୟତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳୁଚରଣ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ-ସଂସ୍କୃତି ଭବନ, ସମୟ-ସନ୍ଧ୍ୟା ୬ଟା।, ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ, ସ୍ଥାନ-ମାନସ ଭବନ, ସମୟ-ଅପରାହ୍ନ ୪ଟା ୩୦, କିଶୋରୀ ସମାବେଶ, ସ୍ଥାନ-ଅଶୋକ ନଗର, ସମୟ-ପୂର୍ବାହ୍ନ ୧୦ଟା। ରକ୍ତଦାନ ଶିବିର, ସ୍ଥାନ-ତୁଳସୀ ନଗର,ସମୟ-ସକାଳ ୮ଟା।
- **ବୁଗୁଡା, କିଶୋରୀ ମେଳା।** ସ୍ଥାନ- ଗୋଲିଆ ଲଙ୍ଗଳେଶ୍ୱର ପାଠାଗାର, ସମୟ- ପୂର୍ବାହ୍ନ ୧୦ଟା

## ମରଣାନ୍ତକ ଆକ୍ରମଣ ମାମଲା: ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)- ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଠେଙ୍ଗାରେ ପିଟି ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତଙ୍କୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ)ଅଲେଖ କୁମାର ପ୍ରଧାନ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ପାଟପୁର ଥାନା ସାହସପୁର ଗ୍ରାମର ଏ. ସାଇବ ପାତ୍ର। ପ୍ରଥମ ଥର ଏହି ଦୋଷ କରିଥିବାରୁ ତାଙ୍କୁ ଏସିଜେଏମ ଗୁରୁବାର ୧୦ହଜାର ୫୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାହସପୁରର ଜି. ସାକିଲ ଦୋରାଙ୍କ ସହିତ ଏ. ସାଇବ ପାତ୍ରଙ୍କ ଜମି ବିବାଦକୁ କେନ୍ଦ୍ରକରି ତିକ୍ତତା ଲାଗି ରହିଥିଲା। ୨୦୨୦ ଏପ୍ରିଲ ୧୦ ତାରିଖରେ ସାକିଲ ନିଜ ବାପାଙ୍କ ମୃତ୍ୟୁ ପରେ ଅସ୍ଥି ନିଜ ଜମିରେ ପୋତି ରଖିବାକୁ ଯାଉଥିଲେ। ଏହି ସମୟରେ ସାଇବ ଏକ ଠେଙ୍ଗାରେ ସାକିଲଙ୍କ ମୁଣ୍ଡକୁ ପିଟି ଦେବାରୁ ସେ ଗୁରୁତର ହୋଇ ଜମିରେ ପଡିଯାଇଥିଲେ। ତାଙ୍କର ମୃତ୍ୟୁ ହୋଇଗଲା ଭାବି ସାଇବ ଚମ୍ପଟ ମାରିଥିଲେ। ଜମିରେ କାମ କରୁଥିବା କିଛି ଲୋକ ସାକିଲଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଅଭିଯୋଗ ପରେ ପୋଲିସ ନଂ.୭୪/୨୦ରେ ଏକ ମାମଲା ରୁଜୁ କରି ସାଇବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ ୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଆଧାର କରି ମାଜିଷ୍ଟ୍ରେଟ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଭି. ପ୍ରସନ୍ନ କୁମାର ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

ବ୍ରହ୍ମପୁର,୧୯।୧(ତନୁଶ୍ରୀ ନାହାକ)- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗ ମିଳିତ ଆନୁକୂଲ୍ୟରେ 'ଧର୍ମନିରପେକ୍ଷତା ଓ ଏହାପ୍ରତି ଆହ୍ୱାନ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଡ଼.ରାଜେଶ ସେଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ କେ.ଆର ନାରାୟଣଙ୍କ ବିଶିଷ୍ଟ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିବା ସତ୍ୟନାରାୟଣ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସେ ଭାରତୀୟ ଧର୍ମନିରପେକ୍ଷତା ନୀତି ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ଠାରୁ ଭିନ୍ନ ବୋଲି କହିବା ସହ ଭାରତୀୟ ସ୍ୱାଧିନତା ସଂଗ୍ରାମକୁନେଇ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ଦେଶରେ ଅଭ୍ୟନ୍ତରୀଣ ଶାନ୍ତି ପାଇଁ ଧର୍ମନିରପେକ୍ଷତା ଓ ସୌହାର୍ଦ୍ଦ୍ୟର ଆବଶ୍ୟକତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ବିଭାଗର ଅଧ୍ୟାପକ ସଞ୍ଜୟ ମେହେରଙ୍କ ସମେତ ଡ଼.ଶାରଦା ପ୍ରସନ୍ନ ରାଉତ ଓ କୀର୍ତ୍ତିମୟୀ ରାଉତରାୟ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ମାନେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ।

# ଏମ୍‌କେସିଜିରେ ବର୍ନ କେୟାର ୟୁନିଟ୍ ନାହିଁ

## ଆର୍‌ଡିସିଙ୍କ ଅଫିସ ଆଗରେ ଭାଜପାର ବିକ୍ଷୋଭ



ଆରଡିସିଙ୍କ ଅଫିସ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର,୧୯।୧(ନରସିଂହ ସାହୁ)

ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲରେ ଦୀର୍ଘବର୍ଷର ଦାବି ବର୍ନ କେୟାର ୟୁନିଟ ଖୋଲାଯାଉ ନ ଥିବା ପ୍ରତିବାଦରେ ଶୁକ୍ରବାର ଭାଜପା ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡ଼ିସି)ଙ୍କ ବ୍ରହ୍ମପୁର ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ଗୁରୁବାର ଟେଲିଫୋନ ଭବନ ରୋଡସ୍ଥ ଏକ ବ୍ୟବସାୟ ପ୍ରତିଷ୍ଠାନ ଛାତ ଉପରେ କାମ କରୁଥିବା ଜଣେ ଯୁବ ଶ୍ରମିକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମେଡିକାଲ ନିଆଯିବା ପରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ବଡ଼ ଡ଼ାକ୍ତରଖାନାରେ ବର୍ନ କେୟାର ୟୁନିଟ ନ ଥିବାରୁ ଉପଯୁକ୍ତ ଚିକିତ୍ସା ହୋଇପାରି ନ ଥିବା ଅଭିଯୋଗ କରି ଭାଜପା ଆନ୍ଦୋଳନକୁ ଓହ୍ଲାଇଥିଲା। ପାର୍ଟିର ଜିଲା ଉପସଭାପତି ରାମ କୁମାର ପାତ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଏହାର ନେତୃତ୍ୱ ନେଇଥିବା ବେଳେ ଶତାଧିକ କର୍ମୀ ସାମିଲ ହୋଇଥିଲେ।

ବିକ୍ଷୋଭ ସ୍ଥଳରେ କାହ୍ନୁ ପତି କହିଛନ୍ତି, ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ଏମ୍‌କେସିଜିରେ ବର୍ନ କେୟାର ୟୁନିଟ ନଥିବାରୁ ପୋଡ଼ି ହୋଇ ଆସୁଥିବା ଲୋକମାନଙ୍କୁ ଚିକିତ୍ସା ସୁବିଧା ମିଳୁନି। ସେମାନଙ୍କୁ କଟକ ବଡ଼ ଡ଼ାକ୍ତରଖାନା କିମ୍ବା ଅନ୍ୟତ୍ର ପଠାଯାଉଛି। ୨ବର୍ଷ ତଳେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମେଣ୍ଟରାଜପୁର ଗ୍ରାମ ନିକଟରେ ଏକ ଯାତ୍ରୀବାହି ବସ ଉପରେ ୧୧ କେଭି ବିଦ୍ୟୁତ ତାର ପଡ଼ିଯାଇଥିଲା। ଏକ ସାମାଜିକ କାର୍ଯ୍ୟକ୍ରମକୁ ବସରେ ଯାଉଥିବା ଯାତ୍ରୀଙ୍କ ମଧ୍ୟରୁ ୧୧ ଜଣଙ୍କ ଘଟଣାସ୍ଥଳରେ ଅକାଳରେ ଜୀବନ ଯାଇଥିଲା। ଆଉ କେତେକ ଗୁରୁତର ଆହତ ହୋଇଥିଲେ। ବ୍ରହ୍ମପୁରରେ ଚିକିତ୍ସା ପାଇଁ ସୁବିଧା ନ ଥିବାରୁ କଟକ ଓ ବିଶାଖାପାଟଣାମ୍ ପଠାଯାଇଥିଲା। ତେଣୁ ତୁରନ୍ତ ବର୍ନ ବିଭାଗ ଖୋଲିବାକୁ ଭାଜପା ମେଡିକାଲ ପରିସରରେ ଆନ୍ଦୋଳନ କରିଥିଲା। ସେ ସମୟରେ ଦାବି ପୂରଣ ପାଇଁ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଥିଲେ। ଏବେ ବି ଏହା ଖୋଲାଯାଇ ନ ଥିବା ରାମ ପାତ୍ର ଓ କାହ୍ନୁ ପତି କହିଛନ୍ତି। ସୂଚନାଯୋଗ୍ୟ, ଆରଡିସି ବଡ଼ ମେଡିକାଲ ସ୍ୱାସ୍ଥ୍ୟ ସମିତିର ମୁଖ୍ୟ ଅଛନ୍ତି। ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ ଆସନ୍ତା ଫେବୃୟାରୀ ୮ ତାରିଖ ସୁଦ୍ଧା ବର୍ନ ୟୁନିଟ ଖୋଲିବାକୁ ଦାବି କରାଯାଇଛି। ନଚେତ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କୌଣସି ଅଘଟଣ ଘଟିଲେ ସରକାର ଦାୟୀ ହେବେ ବୋଲି ସ୍ପଷ୍ଟ କରାଯାଇଛି। ଆନ୍ଦୋଳନ ବେଳେ ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ସୁନିଲ ସାହୁ ଓ ପୁରୁଖା ନେତା ଗୋପିନାଥ ପଣ୍ଡା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ରୋହିତ୍



@ ସଞ୍ଜୟ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୧୯।୧(ତନୁଶ୍ରୀ ନାହାକ)

ରାଜ୍ୟ ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ ଅଧୀନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଠାରେ ଦକ୍ଷିଣ ଓଡ଼ିଶା ଭାଷା ଇତିହାସ ଓ ଭାଷା ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଓ ପ୍ରତିଯୋଗିତା ଗୁରୁବାର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାହିତ୍ୟ ପରିଷଦ କକ୍ଷଠାରେ ଉଦଘାଟିତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଭାବେ କୁଳସଚିବ ସଚ୍ଚିଦାନନ୍ଦ ନାୟକ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ଼.ସୁଶାନ୍ତ କୁମାର ବରାଳ ଉପସ୍ଥିତ ରହିଥିଲେ। କୁଳପତି ପ୍ରଫେସର ଦାସ ଭାଷା ଓ ସାହିତ୍ୟର ଗାରିମା ସମ୍ପର୍କରେ ବୁଝାଇଥିଲେ। ସେହିପରି କୁଳସଚିବ 'ନୂଆ-ଓ' କାର୍ଯ୍ୟକ୍ରମ ମାଧ୍ୟମରେ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

କିପରି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହୋଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଉଭୟ ଇତିହାସ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ଼. ସଚ୍ଚିଦାନନ୍ଦ ନାୟକ, ପ୍ରଫେସର ଦେବୀ ପ୍ରସାଦ ଶତପଥୀ, ଡ଼. ସମୀର ଭୋଇ,ଡ଼.ଶଙ୍କର୍ଷଣ ମଲ୍ଲିକ, ଡ଼. ରମାକାନ୍ତ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ।

## ଜଳସୁରକ୍ଷା ସମିତିର ଆଲୋଚନା ସଭା

ଦିଗପହଣ୍ଡି,୧୯।୧(ଅଶେଷ ନାଥ ମିଶ୍ର) ଜମିକୁ ଜଳ, ଚାଷୀଙ୍କ ଅଧିକାର। ସରକାର ମଧ୍ୟ ଅଗ୍ରାଧିକାର ଭିତ୍ତିରେ ଏହି କର୍ତ୍ତବ୍ୟକୁ ପାଳନ କରିବା ଉଚିତ। ବର୍ଷ ପରେ ବର୍ଷ ବିତିଯାଉଥିଲେ ମଧ୍ୟ ସରକାର ଏ ଦିଗରେ କାଳ କ୍ଷେପଣ ନୀତି ଅବଲମ୍ବନ କରିଆସୁଛନ୍ତି। ଚାଷୀମାନେ ଏ ଦିଗରେ ସଚେତନ ହେବାକୁ ପଡିବ। ନିଜର ସଂଗଠନକୁ ସୁଦୃଢ଼ କରି ନିଜର ହକ ଅଧିକାରକୁ ସରକାରଙ୍କ ଆଗରେ ଉପସ୍ଥାପନ କରି ଛେଳିଗଡ ଜଳସମ୍ପ୍ରସାରଣ ଯୋଜନାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଆନ୍ଦୋଳନକୁ ଦୀର୍ଘସ୍ଥାୟୀ କରିବା ପାଇଁ ଜଳସୁରକ୍ଷା ସମିତିର ଆଲୋଚନା ସଭାରେ ଚାଷୀ ନେତାମାନେ ଆହ୍ୱାନ ଦେଇଛନ୍ତି। ଦିଗପହଣ୍ଡି ବ୍ଲକର ଗୋକର୍ଣ୍ଣପୁର ଗ୍ରାମ ନିଳକଣ୍ଠେଶ୍ୱର ଶୈବପୀଠରେ ସମିତିର ଦିଗପହଣ୍ଡି-ସାନଖେମୁଣ୍ଡୀ ଓ କୁକୁଡାଖଣ୍ଡି ବ୍ଲକର ଚାଷୀମାନେ ଏକତ୍ରିତ ହୋଇଥିଲେ। କୃଷକ ନେତା ତଥା ସମିତିର ଆବାହକ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାନଖେମୁଣ୍ଡିବ୍ଲକର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଲୋଚାପଡା ସମିତିସଭ୍ୟ ଚଣ୍ଡିଚରଣ ସାହୁ, ଲାଙ୍ଗିଆ ସମିତି ସଭ୍ୟ କାହ୍ନୁଚରଣ ପାତ୍ର, ଗୋବିନ୍ଦ ଗୌଡ଼, ଏସ.ସଦାନନ୍ଦ ଦୋରା, ଡି ନିତ୍ୟାନନ୍ଦ ଦୋରା, ପ୍ରମୋଦ କୁମାର ସ୍ୱାଇଁ, ବି.ନରସିଂହ, ଅର୍ଜୁନ ବିଷୋୟୀ, ଗୁରୁନାଥ ବିଷୋୟୀ, ଭଗବାନ ବିଷୋୟୀ, ଭଗବାନ ସ୍ୱାଇଁ, ଭାସ୍କର ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଆୟୋଜିତ ସଭାରେ ଉପସ୍ଥିତ ହୋଇ ଚାଷୀ ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଚାଷୀ ଆନ୍ଦୋଳନକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ସରପଞ୍ଚ,ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟମାନଙ୍କ ସମ୍ପୃକ୍ତି ପାଇଁ ସଭାରେ ଆଗତ ପ୍ରସ୍ତାବକୁ ପୂର୍ଣ୍ଣ ସମର୍ଥନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମିତି କର୍ମକର୍ତ୍ତା ଭଗବାନ ପଟ୍ଟନାୟକ, ନାରାୟଣ ବିଷୋୟୀ, ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ସବୁ ସର୍କଲରେ ଏପିଏସ୍‌ସିସି



ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର,୧୯।୧(ସ୍ମୃତି ରଞ୍ଜନ ମହାଲିକ)

ଶକ୍ତି ଯୋଗାଣ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗକୁ ଟିପିଏସ୍‌ଓଡିଏଲ୍ ପ୍ରାଥମିକତା ଦେଉଛି। ଏହିକ୍ରମରେ ରାୟଗଡା ସର୍କଲ ଅନ୍ତର୍ଗତ ସିରିଗୁଡାଠାରେ ସ୍ୱାଡାଭିତ୍ତିକ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ତଥା ଅଞ୍ଚଳ ବିଦ୍ୟୁତ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରକୁ ଶୁକ୍ରବାର ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ ଉଦଘାଟନ କରିଛନ୍ତି। ଟିପିଏସଓଡିଏଲ ଏକମାତ୍ର ବିଦ୍ୟୁତ ବିତରଣ କମ୍ପାନୀ ଭାବେ ନିଜର ସମସ୍ତ ସର୍କଲକୁ ସ୍ୱତନ୍ତ୍ର ଏପିଏସସିପି ସହ ଯୋଡିବାରେ ସଫଳ ହୋଇଛି। ଏହି କେନ୍ଦ୍ର ଗୁଡିକ ଦିନରାତି କାର୍ଯ୍ୟକ୍ଷମ ରହୁଥିବା ବେଳେ ବିଦ୍ୟୁତ ନେଟୱାର୍କର ସୁପରିଚାଳନା, ବିଦ୍ୟୁତକାଟକୁ ନିୟନ୍ତ୍ରଣ ତଥା ବିଦ୍ୟୁତ ସରବରାହ ବ୍ୟାହତ ହେଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି, ସମସ୍ତ ସର୍କଲରେ ଏପିଏସସିପି ପ୍ରତିଷ୍ଠା ଉପଭୋକ୍ତାଙ୍କ ସନ୍ତୁଷ୍ଟି କ୍ଷେତ୍ରରେ ଏକ ବଡ ପଦକ୍ଷେପ। ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଣ ଜାରି ରହିବ ବୋଲି ସେ କହିଛନ୍ତି।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, ୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)-

ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ନେଇ ବଡବଜାର ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଥିଲା। ପୋକସୋ ଜଜ ପ୍ରଭାତ କୁମାର ରାଜଗୁରୁ ଶୁକ୍ରବାର ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ଏମ.ଲକ୍ଷ୍ମଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମାମଲାରୁ ପ୍ରକାଶ, ଅଜା ଘରେ ପାଠ ପଢୁଥିବା ନାବାଳିକା ଜଣଙ୍କୁ ୨୦୨୩ ଜୁନ ୨୫ ତାରିଖରେ ଅପହରଣ କରାଯାଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ୨୫୪/୨୩ରେ ଏକ ମାମଲା ରୁଜୁ କରିଥିଲା। ଟ୍ରାକିଂ କରି ମାସକ ପରେ ନାବାଳିକାଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଅଞ୍ଚଳରୁ ଉଦ୍ଧାର କରିଥିଲା। ସେହିପରି ଅଭିଯୁକ୍ତ ଯୁବକଙ୍କୁ ମଧ୍ୟ ସେଠାରୁ କାବୁ କରି ଥାନାକୁ ଆଣିଥିଲା। ଯୁବକ ଜଣଙ୍କ ତାଙ୍କୁ ଅପହରଣ କରି ବିଶାଖାପାଟଣା ନେଇଥିଲେ। ସେଠାରେ ଏକ ଘରେ ରଖି ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଜଣଙ୍କ ଥାନାରେ ବୟାନ ଦେଇଥିଲେ। ପୋଲିସ ତାହାକୁ ଆଧାର କରି ଅଭିଯୁକ୍ତ ଏମ.ଲକ୍ଷ୍ମଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସଆଇ ପ୍ରଣତୀ ନାୟକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପର ଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରଧୀନ ବନ୍ଦୀ ଭାବେ ଥିବା ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ମହେନ୍ଦ୍ର କୁମାର ଶତପଥୀ ଓ ତାଙ୍କ ସହଯୋଗୀ ଅମିତ ରଞ୍ଜନ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ।

## ବେଲଗୁଣ୍ଠା ଆହାର କେନ୍ଦ୍ର ପୁରସ୍କୃତ

ବେଲଗୁଣ୍ଠା,୧୯।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଆୟୋଜିତ ଇଣ୍ଟରନ୍ୟାଶନାଲ କନକ୍ଲେବ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦର ଆହାର କେନ୍ଦ୍ରକୁ ପୁରସ୍କୃତ କରାଯାଇଛି। ଏହି ଆହାର କେନ୍ଦ୍ରର କାର୍ଯ୍ୟକାରିତା ଓ ପରିଚାଳନା ଦାୟିତ୍ୱ କେଦାରଗୌରୀ ମିଶନ ଶକ୍ତି ଗୋଷ୍ଠୀ ଗୋପୀନାଥ ସାହିକୁ ଦିଆଯାଇଛି। ମିଶନଶକ୍ତି ମହିଳାମାନଙ୍କ ଦ୍ୱାରା ହିତାଧିକାରୀଙ୍କୁ ଦିଆଯାଉଥିବା ସେବା ପାଇଁ ରାଜ୍ୟରେ ମୋଟ ୧୫୮ କେନ୍ଦ୍ର ମଧ୍ୟରୁ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଜଟଣୀ ପୌରପାଳିକାକୁ ସମ୍ମାନିତ କରାଯାଇଛି।

# ଗୋପାଳପୁର କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରହ୍ମପୁର,୧୯।୧(ତନୁଶ୍ରୀ ନାହାକ)

ଗୋପାଳପୁର ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼. ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ସିଏଚ.ଡ଼ିଲେଶ୍ୱର ରେଡ଼ି, ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସୁଶାନ୍ତ କୁମାର ଦାସ, ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ଼.ସିଦ୍ଧାର୍ଥ ଶଙ୍କର ପାଢ଼ୀ, କାର୍ଯ୍ୟକ୍ରମ ନୋଡ଼ାଲ ଅଧିକାରୀ ଡ଼.ରାମଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ବଟି ମାଗି ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ବଟି ମାଗିବା ସହ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଲକ୍ଷ୍ମୀନଗରର ଶ୍ରୀତମ ସାହୁ(୨୪)ଙ୍କୁ ଗିରଫ କରିଛି। ତାଙ୍କ ଆକ୍ରମଣରେ ଗୁରୁତର ଚନ୍ଦ୍ରଶେଖର ମହାରଣା ଚିକିତ୍ସାଧୀନ ଅଛନ୍ତି। ଶକ୍ତିନଗର ୪ର୍ଥ ଲାଇନରେ ରହୁଥିବା ଚନ୍ଦ୍ରଶେଖରଙ୍କର ବ୍ରଜନଗର ଛକରେ ବାଇକ ମରାମତି ଗ୍ୟାରେଜ ରହିଛି। ଗତ ୧୪ ତାରିଖ ରାତିରେ ଚନ୍ଦ୍ରଶେଖରଙ୍କ ଭାଇ ଶ୍ରୀକାନ୍ତ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ସେହି ସମୟରେ ଶ୍ରୀତମ ପହଞ୍ଚି ତାଙ୍କୁ ୧୦ହଜାର ଟଙ୍କା ବଟି ମାଗିଥିଲେ। ନଦେଲେ ଦୋକାନ ବନ୍ଦ କରିବାକୁ ଧମକ ଦେଇଥିଲେ। ଖବରପାଇ ଚନ୍ଦ୍ରଶେଖର ପହଞ୍ଚିଥିଲେ। ଶ୍ରୀତମ ଗାଡି ଚାବିରେ ତାଙ୍କ ଆଖିକୁ ମୁଥ ମାରିଥିବା ଶ୍ରୀକାନ୍ତ ଅଭିଯୋଗ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୧୯।୧(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ଆମ୍ବପୁଆ ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ ଓ କବିସୂର୍ଯ୍ୟନଗର ବିଡିଓ ସାଗରିକା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟିକା ସ୍ୱାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଉପରେ ବକ୍ତବ୍ୟ ରଖିଥିବା ବେଳେ ବିଡିଓ ମଧ୍ୟ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବୀଣାପାଣି ମିଶ୍ର, କବିସୂର୍ଯ୍ୟନଗର ବ୍ଲକ ଏବିଡିଓ ନାରାୟଣ ବେହେରା, ଜିଲା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ପରିଷଦ ବଳରାମ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ, ନନ୍ଦିଆଗଡା ପଞ୍ଚାୟତର ସମିତି ସଭ୍ୟ ଅଶ୍ୱିନୀ ସ୍ୱାଇଁ , ଆମ୍ବପୁଆ ପଞ୍ଚାୟତର ଅମିୟ ମାହୁନ୍ତ, ଏ.ବରିଡା ସରପଞ୍ଚ ଗୀତାଞ୍ଜଳି ସାହୁ , ବାଲ୍ୟସରା ସରପଞ୍ଚ ରବିନ୍ଦ୍ର ପୋଲାଇ, ବାଲ୍ୟସରା ସମିତି ସଭ୍ୟ ପ୍ରତିନିଧି ଗୌତମ ଖଣ୍ଡୁଆଳ, ଶିଆଳିଆ ସମିତି ସଭ୍ୟ କମ୍ବୁପାଣି ନାହାକଙ୍କ ସମେତ ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷାବିତ ଦିବାକର ଶତପଥିଙ୍କ ସମେତ କବିସୂର୍ଯ୍ୟନଗର ବ୍ଲକର ସମସ୍ତ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

